**OFFICE OF THE COLLECTOR, BALASORE**
**(LAND ACQUISITION SECTION)**

No. 400 /LA Dated 20/07/2024

To

**The Tahasildar, Basta.**
**The Sarapanch, Kulida/ Mukulisi G.P.**

**Sub:-** Publication of Expert Committee report on the Final Social Impact Assessment Study report for acquisition of Private land of Ac.205.431dec from 04 villages (i.e. Renupada, Barada, Tentulia, Junabalada) under Basta Tahasil of Balasore District for "Establishment of Industries in Basta (TOR84-00001)".

**Madam/Sir,**

With reference to the subject cited above, I am to enclose herewith the Expert Committee report on the Final Social Impact Assessment Study report for acquisition of Private land of Ac.205.431dec from 04 villages (i.e. Renupada, Barada, Tentulia, Junabalada) under Basta Tahasil of Balasore District for "Establishment of Industries in Basta (TOR84-00001)" for wide publication in the affected areas as per sub section (6) of Section (7) of R.F.C.T.L.A.R&R Act, 2013.

Further, the Tahasildar, Basta is requested to publish the above report in the affected areas and return a served copy to the undersigned within 7 (Seven) days positively for taking further action at this end

Encl:- As above.

Yours faithfully,

20.07.24
**Land Acquisition Officer,**
**Balasore**

Memo No. 401 /LA Dated 20/07/2024

Copy along with copy of Expert Committee report submitted to P.A. to Collector, Balasore/ Steno to Addl. District Magistrate, Balasore for kind information of Collector/ ADM (Rev), Balasore.

20.07.24
**Land Acquisition Officer,**
**Balasore**

Memo No. 402 /LA Dated 20/07/2024

Copy submitted to Joint Secretary to Govt., R&DM Department, Bhubaneswar for kind information and necessary action.

20.07.24
**Land Acquisition Officer,**
**Balasore**

Memo No....403..../LA Dated....20/07/2024

Copy along with copy of Expert Committee report forwarded to Sub-Collector, Balasore for kind information and necessary action. He is requested to publish the above report in his Notice Board for wide publication.

Copy along with copy of Expert Committee report forwarded to DeGM, Collectorate, Balasore, Balasore for information and necessary action. She is requested to upload the same in the District Website for wide publication.

Copy forwarded to Divisional Head, IDCO, Balasore for information and necessary action.

20.07.24

**Land Acquisition Officer,**
**Balasore**

Memo No....404..../LA Dated..20/07/2024

Copy to Notice Board of Collector, Balasore.

Copy to Notice Board of this office.

20.07.24

**Land Acquisition Officer,**
**Balasore**

**ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରତି ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିଶ ରିପୋର୍ଟ ।**

ସ୍ଥାନ – ମହାତ୍ମା ଗାନ୍ଧୀ ଯୋଜନା ସମ୍ମିଳନୀ ଗୃହ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲେଶ୍ୱର ।

ତା - ୧୩/୦୭/୨୦୨୪ ରିଖ ଦିବା ୧୧ ଘଟିକା

**(ବାଲେଶ୍ୱର ଜିଲ୍ଲାର ବସ୍ତା ତହସିଲ ଅନ୍ତର୍ଗତ ୪ ଗୋଟି ମୌଜା ଯଥା ରେଣୁପଦା, ବରଡା, ତେନ୍ତୁଳିଆ ଏବଂ ଯୁଣବଳଦା ରେ IDCO, ଭୁବନେଶ୍ୱର ଦ୍ୱାରା ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଜମି ଅଧିଗ୍ରହଣ ସମ୍ପର୍କେ )।**

## ବୈଧାନିକ ବ୍ୟବସ୍ଥା

ବାଲେଶ୍ୱର ଜିଲ୍ଲାର ବସ୍ତା ତହସିଲ ଅନ୍ତର୍ଗତ ୪ ଗୋଟି ମୌଜା ଯଥା ରେଣୁପଦା, ବରଡା, ତେନ୍ତୁଳିଆ ଏବଂ ଯୁଣବଳଦା ରେ IDCO, ଭୁବନେଶ୍ୱର ଦ୍ୱାରା ଶିଳ୍ପ ପ୍ରତିଷ୍ଠା ( ଟି.ଓ.ଆର.୮୦-୦୦୦୦୧) ନିମନ୍ତେ ମୋଟ ଏ.୨୦୫.୪୩୧ ଡିସିମିଲ ବ୍ୟକ୍ତିଗତ ମାଲିକାନା ଜମି ଅଧିଗ୍ରହଣ ନିମନ୍ତେ **Chief General Manager, Land, IDCO, Bhubaneswar** ଙ୍କ ଠାରୁ ପ୍ରସ୍ତାବ ପ୍ରାପ୍ତ ହେବାପରେ ତତସମ୍ପର୍କେ "ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣ , ଥଇଥାନ ଓ ପୁନର୍ବାସ ରେ ସ୍ୱଚ୍ଛତା ଆଇନ ୨୦୧୩'' ର ଧାରା ୪ ଅନୁଯାୟୀ ଆବଶ୍ୟକ ହେଉଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ କରିବା ପାଇଁ ନିମ୍ନମତେ ଅଧିସୂଚନା ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶିତ ହୋଇଅଛି ।

ଅଧି ସୂଚନା

| କ୍ରମିକ ସଂଖ୍ୟା | ଜିଲ୍ଲା | ତହସିଲ | ଗ୍ରାମ /ମୌଜା | ବେସରକାରୀ |
|---|---|---|---|---|
| ୧ | ବାଲେଶ୍ୱର | ବସ୍ତା | ରେଣୁପଦା | ଏ ୯୬.୭୩ |
| ୨ | | | ବରଡା | ଏ ୯୪.୪୦୧ |
| ୩ | | | ତେନ୍ତୁଳିଆ | ଏ ୯.୦୫ |
| ୪ | | | ଯୁଣବଳଦା | ଏ ୫.୨୫ |
| **ମୋଟ ଜମି** | | | | **ଏ ୨୦୫.୪୩୧** |

## ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ

ଉକ୍ତ ଅଧିସୂଚନା ମତେ "ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ" ର ଭାର ରାଜ୍ୟ ସର୍ବେକ୍ଷଣ ଅନୁଷ୍ଠାନ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ଭୁବନେଶ୍ବରକୁ ହସ୍ତାନ୍ତର କରଯାଇଥିଲା । ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର "Manavadhikar Samajika Manch., (ମାନବଭାଧିକର ସାମାଜିକ ମଞ୍ଚ), ନୂଆଦିଲ୍ଲୀ ନାମକ ସ୍ୱାଧୀନ ଗବେଷଣା ସଂସ୍ଥାକୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାର ଦାୟିତ୍ୱ ଅର୍ପଣ କରିଥିଲେ ।

ଏହି ସର୍ବେକ୍ଷଣ ସଂସ୍ଥା ଆଇନର ଆବଶ୍ୟକତା ଅନୁସାରେ ସର୍ବେକ୍ଷଣ ମାଧମରେ ସର୍ଭେ କରି ପ୍ରକଳ୍ପ ପ୍ରଭାବିତ ପରିବାର, ପ୍ରକଳ୍ପ ପ୍ରଭାବିତ ଜନସଂଖ୍ୟା, ସାମାଜିକ ବିବରଣୀ, ପରିବାରର ସଂପୂର୍ଣ ବିବରଣୀ, ଆୟର ପନ୍ଥା, ପରିବାରର ମୋଟ ବ୍ୟୟ, ପରିବାରର ଆସବାବପତ୍ର, ପ୍ରଭାବିତ ହେବାକୁ ଥିବା କୋଠବାଡି, ବ୍ୟବସାୟିକ ସ୍ଥଳୀ, ଆତ୍ମନିଯୁକ୍ତି ଭିତ୍ତିକ କାର୍ଯ୍ୟ ପନ୍ଥା ଓ ନିଯୁକ୍ତିର ପ୍ରଣାଳୀ ପ୍ରଭୃତି ସାକ୍ଷାତକାର ସୂଚୀରେ ଏକ ପୂର୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରିଛନ୍ତି ।

## ଜନଶୁଣାଣି (ଧାରା -୫ )

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣ, ଥଇଥାନ ଓ ପୁନର୍ବାସରେ ସ୍ୱଚ୍ଛତା ଆଇନ ୨୦୧୩ ଧାରା -୫ ଅନୁସାରେ ୪(ଚାରି) ଗୋଟି ପ୍ରଭାବିତ ମୌଜା ଯଥା – ରେଣୁପଦା, ବରଡା, ତେନ୍ତୁଳିଆ ଏବଂ ଯୁଣବଳଦା ରେ ଜନଶୁଣାଣୀ କାର୍ଯ୍ୟକର୍ମ ଯଥାକ୍ରମେ ମୁକୁଳିସି ଗ୍ରାମ ପଞ୍ଚାୟତର ସିତାପୁର ଖେଳପଡିଆ ଠାରେ ଏବଂ କୁଳିଦା ଗ୍ରା.ପ. କାର୍ଯ୍ୟାଳୟରେ

ଯଥାକ୍ରମେ ତା. ୨୮.୦୨.୨୦୨୪ ରିଖ ଏବଂ ୨୯.୦୨.୨୦୨୪ ରିଖ ରେ ସମ୍ପୃକ୍ତ ସରପଞ୍ଚଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିଲା । ପ୍ରଭାବିତ ଗ୍ରାମ ଏବଂ ୱାର୍ଡ ମାନଙ୍କରେ ଜନଶୁଣାଣିର ସ୍ଥାନ, ତାରିଖ ଓ ସମୟ ସନ୍ଧାନ୍ତରେ ସର୍ବସାଧାରଣଙ୍କୁ ଯଥେଷ୍ଟ ପୂର୍ବରୁ ପ୍ରଚାର ମାଧମରେ ଜଣାଇ ଦିଆଯାଇଥିଲା ।

ଆୟୋଜିତ ଜନଶୁଣାଣି ଗୁଡିକର ବିଶଦ ବିବରଣୀ ଚୁଡାନ୍ତ ସାମାଜିକ ପ୍ରଭାବ ଅନୁଧାନ ସର୍ବେକ୍ଷଣରେ ବର୍ଣନା ହୋଇଅଛି ।

ଜନଶୁଣାଣି ସମୟରେ କ୍ଷତିଗ୍ରସ୍ତ ପରିବାର ତଥା ଗ୍ରାମବାସୀମାନେ ବହୁ ସଂଖ୍ୟାରେ ଯୋଗ ଦେଇ ପ୍ରଶ୍ନୋତ୍ତୋର ମାଧମରେ ନିଜ ନିଜର ସନ୍ଦେହ ମୋଚନ କରିଥିଲେ ଏବଂ ପ୍ରକଳ୍ପ ସପକ୍ଷରେ ବହୁମତ ବ୍ୟକ୍ତ କରିବା ସହ ନିଜର ପ୍ରଭାବିତ ଜମିକୁ ପ୍ରକଳ୍ପ ପାଇଁ ଦେବାକୁ ଆଗ୍ରହ ପ୍ରକାଶ କରିଥିଲେ।

**ପ୍ରକାଶନ (ଧାରା- ୬ )**

ପ୍ରଭାବିତ ଗ୍ରାମର ଜନଶୁଣାଣି ପରେ ପ୍ରାପ୍ତ ହୋଇଥିବା "ସାମାଜିକ ପ୍ରଭାବ ପରିଚାଳନା ଯୋଜୋନା" ବିବରଣୀକୁ ଆଇନର ଧାରା -୬ ମତେ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ପତ୍ର ସଂଖ୍ୟା – SIA (ସିଆ )- 1854/ଏନ.ସି.ଡି.ଏସ. ତା. ୧୯/୦୩/୨୦୨୪ରିଖ ଦ୍ୱାରା ବିଧିବଦ୍ଧ ଭାବେ ପ୍ରକାଶନ କରଯାଇଥିଲା ।

**ଆଇନର ଧାରା- ୭ ଉପଧାରା – ୧ ଅନୁସାରେ " ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ଚୁଡାନ୍ତ ସାମାଜିକ ପ୍ରଭାବ ଆଇନର ଅଧୟନ ମୂଲ୍ୟାୟନ ଓ ସୁପାରିଶ :-**

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣ, ଥଇଥାନ ଓ ପୁନର୍ବାସରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା – ୭ ଉପଧାରା -୧ ଅନୁସାରେ ଗଠିତ ହୋଇଥିବା "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ" ଙ୍କ ଦ୍ୱାରା ପୂର୍ବୋକ୍ତ ପ୍ରକାରେ ପ୍ରକାଶନ ହୋଇଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଚୁଡାନ୍ତ ରିପୋର୍ଟକୁ ଅନୁଧାନ କରିବା ପରେ ଏହାର ମୂଲ୍ୟାୟନ କରାଯାଇ ସରକାରଙ୍କୁ ଜଣାଇବାର ବ୍ୟବସ୍ଥା ହୋଇଅଛି ।

ତେଣୁ ଉକ୍ତ ଆଇନର ଧାରା (୭) ଉପଧାରା ( ୧) ମତେ ନିମ୍ନ ବର୍ଣିତ ବ୍ୟକ୍ତି ବିଶେଷଙ୍କୁ ନେଇ "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ" ଜିଲ୍ଲାପାଳ, ବାଲେଶ୍ୱରଙ୍କ ପତ୍ର ସଂଖ୍ୟା ୨୮/ଏଲ.ଏ ତା. ୦୬.୦୫.୨୦୨୪ ରିଖ ଦ୍ୱାରା ଗଠନ କରାଯାଇଅଛି ।

**ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ନାମ ଓ ପଦବୀ ।**

| | |
|---|---|
| ୧- ଅତିରିକ୍ତ ଜିଲାପାଳ, (ରାଜସ୍ୱ), ଜିଲାପାଳଙ୍କ କାର୍ଯ୍ୟାଳୟ,ବାଲେଶ୍ୱର | (ଅଧକ୍ଷ) |
| ୨- ଉପ ଜିଲ୍ଲାପାଳ, ବାଲେଶ୍ୱର | (ଆବାହକ ସଭ୍ୟ) |
| ୩- ଶ୍ରୀ ପ୍ରଣବ କୁମାର ନାୟକ,G.M., D.I.C, Balasore | (ଯାନ୍ତ୍ରିକ ବିଶେଷଜ୍ଞ) |
| ୪- ଡ. ରମାକାନ୍ତ ଭଞ୍ଜ, ଅବସର ପ୍ରାପ୍ତ ଅଧକ୍ଷ, ସିଦ୍ଧେଶ୍ୱର ମହାବିଦ୍ୟାଳୟ, ଅମର୍ଦା ରୋଡ | (ସମାଜ ବିଜ୍ଞାନୀ) |
| ୫- ଡ. ଗୀତାରାମ ଦେ ,ଅବସର ପ୍ରାପ୍ତ ଅଧକ୍ଷ, U. N. College, Nalagaja | (ସମାଜ ବିଜ୍ଞାନୀ) |
| ୬- ଶ୍ରୀ ଯୁକ୍ତ ପ୍ରଶାନ୍ତ କୁମାର ଦାସ, ଅବସର ପ୍ରାପ୍ତ (ଓ.ପ୍ର.ସେ.) | (ପୁନର୍ବାସ ବିଶେଷଜ୍ଞ) |
| ୭- ଶ୍ରୀ ଯୁକ୍ତ ଅଶୋକ କୁମାର ବାଗ , ଅବସର ପ୍ରାପ୍ତ(ଓ.ପ୍ର.ସେ.) | (ପୁନର୍ବାସ ବିଶେଷଜ୍ଞ) |
| ୭- ଶ୍ରୀଯୁକ୍ତ ଅମିତ ବିଶ୍ୱାଳ | (ସରପଞ୍ଚ,ମୁକୁଳିସି ଗ୍ରା.ପ.) |
| ୮- ଶ୍ରୀମତୀ ଅର୍ନପୂର୍ଣା ସେନାପତି | (ସରପଞ୍ଚ, କୁଳିଦା ଗ୍ରା.ପ.) |

ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ର ମୂଲ୍ୟାୟନ ନିମନ୍ତେ ନିର୍ଦ୍ଧାରିତ ସମୀକ୍ଷା ବୈଠକ ପ୍ରସ୍ତୁତି ପାଇଁ ଆୟୋଜିତ କରଯାଇଥିଲା । ଏହି ବୈଠକରେ ସମସ୍ତ ବିଶେଷଜ୍ଞ ଦଳର ସଦସ୍ୟ, ଭୂ- ଅର୍ଜନ ଅଧିକାରୀ, ବାଲେଶ୍ୱର, ତହସିଲଦାର, ବସ୍ତା ଏବଂ ଅତିରିକ୍ତ ଭୂମି ଅଧିକାରୀ, IDCO ଡିଭିଜନ, ବାଲେଶ୍ୱର ଅଂଶ ଗ୍ରହଣ କରିଥିଲେ ।

**ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ନିମନ୍ତେ ସମୀକ୍ଷା ବୈଠକ :-**

ଆଇନର ଧାରା – ୭ ଉପଧାରା -୧ ଅନୁସାରେ ପ୍ରକାଶନ ହୋଇଥିବା ଚୁଡାନ୍ତ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ମୂଲ୍ୟାୟନ ତଥା ସୁପାରିଶ ନିମନ୍ତେ ଗଠିତ ହୋଇଥିବା ସ୍ୱତନ୍ତ୍ର ବହୁଦର୍ଶୀ ବେଶେଷଜ୍ଞ ଦଳଙ୍କ ବୈଠକ ଆହ୍ୱାନ କର।ଯାଇଥିଲା । ଉକ୍ତ ବୈଠକକୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମତେ ଗତ ତା ୧୩.୦୬.୨୦୨୪ ରିଖ ଦିବା ୧୧.୦୦ ଘଟିକାରେ ଅତିରିକ୍ତ ଜିଲାପାଳ, (ରାଜସ୍ୱ), ବାଲେଶ୍ୱରଙ୍କ ଅଧକ୍ଷତାରେ ନିମ୍ନଲିଖିତ ସଦସ୍ୟ ମାନଙ୍କ ଉପସ୍ଥିତିରେ ମହାତ୍ମା ଗାନ୍ଧୀ ପ୍ଲାନିଂ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା ।

**ନିମ୍ନଲିଖିତ ସଦସ୍ୟ ମାନେ ଉପସ୍ଥିତ ଥିଲେ ।**

| | |
|---|---|
| ୧- ଅତିରିକ୍ତ ଜିଲାପାଳ, (ରାଜସ୍ୱ), ଜିଲାପାଳଙ୍କ କାର୍ଯ୍ୟାଳୟ,ବାଲେଶ୍ୱର | (ଅଧକ୍ଷ) |
| ୨- ଉପ ଜିଲ୍ଲାପାଳ, ବାଲେଶ୍ୱର | (ଆବାହକ ସଭ୍ୟ) |
| ୩- ଶ୍ରୀ ପ୍ରଣବ କୁମାର ନାୟକ, G.M., D.I.C, Balasore | (ଯାନ୍ତ୍ରିକ ବିଶେଷଜ୍ଞ) |
| ୪- ଡ. ରମାକାନ୍ତ ଭଞ୍ଜ, ଅବସର ପ୍ରାପ୍ତ ଅଧକ୍ଷ, ସିଦ୍ଧେଶ୍ୱର ମହାବିଦ୍ୟାଳୟ, ଅମର୍ଦା ରୋଡ | (ସମାଜ ବିଜ୍ଞାନୀ) |
| ୫- ଡ. ଗୀତାରାମ ଦେ ,ଅବସର ପ୍ରାପ୍ତ ଅଧକ୍ଷ, U. N. College, Nalagaja | (ସମାଜ ବିଜ୍ଞାନୀ) |
| ୬- ଶ୍ରୀ ଯୁକ୍ତ ପ୍ରଶାନ୍ତ କୁମାର ଦାସ, ଅବସର ପ୍ରାପ୍ତ (ଓ.ପ୍ର.ସେ.) | (ପୁନର୍ବାସ ବିଶେଷଜ୍ଞ) |
| ୭- ଶ୍ରୀ ଯୁକ୍ତ ଅଶୋକ କୁମାର ବାଗ , ଅବସର ପ୍ରାପ୍ତ(ଓ.ପ୍ର.ସେ.) | (ପୁନର୍ବାସ ବିଶେଷଜ୍ଞ) |
| ୭- ଶ୍ରୀଯୁକ୍ତ ଅମିତ ବିଶ୍ୱାଳ | (ସରପଞ୍ଚ,ମୁକୁଳିସି ଗ୍ରା.ପ.) |
| ୮- ଶ୍ରୀମତୀ ଅର୍ନପୂର୍ଣା ସେନାପତି | (ସରପଞ୍ଚ, କୁଲିଦା ଗ୍ରା.ପ.) |
| ୯- ଭୂ- ଅର୍ଜନ ଅଧିକାରୀ, ବାଲେଶ୍ୱର | |
| ୧୦- ତହସିଲଦାର, ବସ୍ତା | |
| ୧୧- ଅତିରିକ୍ତ ଭୂମି ଅଧିକାରୀ, IDCO ଡିଭିଜନ, ବାଲେଶ୍ୱର | |

ବୈଠକ ପ୍ରାରମ୍ଭରେ ଜିଲ୍ଲା ଭୂ-ଅର୍ଜନ ଅଧିକାରୀ ଉପସ୍ଥିତ ଅଧିକାରୀଙ୍କ ପରିଚୟ ପ୍ରଦାନ ପୂର୍ବକ ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ଜମି ସମ୍ବନ୍ଧରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ତଥା ଅଧକ୍ଷ ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ, ବାଲେଶ୍ୱର ଉପସ୍ଥିତ ସଦସ୍ୟ ମାନଙ୍କୁ ସ୍ୱାଗତ କରିବା ପୂର୍ବକ ସ୍ୱାଗତ ଅଭିଭାଷଣ ଉପସ୍ଥାପନ କରିଥିଲେ । ତତ୍ପରେ ଆଲୋଚ୍ୟ ବିଷୟ ପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ପ୍ରଭାବିତ ଗ୍ରାମ ଓ ୱାର୍ଡ ମାନଙ୍କର ଭିତ୍ତିଭୂମି ଜନଶୁଣାଣିର ସାରାଂଶ, କ୍ଷତିଗ୍ରସ୍ତ ପରିବାରଙ୍କ ଜୀବନ ଜୀବିକା, ଅଧିଗ୍ରହଣ ହେବାକୁ ଥିବା ବ୍ୟକ୍ତିଗତ ଜମି ଜମାର ସମସ୍ୟା, କ୍ଷତିଗ୍ରସ୍ତ ହେଉଥିବା ସରକାରୀ ଅନୁଷ୍ଠାନ, କୋଠବାଡି, ରାସ୍ତା ଓ ବିସ୍ଥାପିତ ହେଉଥିବା ପରିବାରଙ୍କ ସ୍ଥିତି ନେଇ ଆଲୋଚନା ହୋଇଥିଲା ।

ଭୂ-ଅର୍ଜନ ଅଧିକରୀ, ବାଲେଶ୍ୱର, ବାଲେଶ୍ୱର ଜିଲ୍ଲାର ବସ୍ତା ତହସିଲ ଅନ୍ତର୍ଗତ ୪ ଗୋଟି ମୌଜା ଯଥା ରେଣୁପଦା, ବରଡା, ତେନ୍ତୁଳିଆ ଏବଂ ଯୁଣବଳଦା ରେ IDCO, ଭୁବନେଶ୍ୱର ଦ୍ୱାରା ଶିଳ୍ପ ପ୍ରତିଷ୍ଠା ( ଟି.ଓ.ଆର.୮୦-୦୦୦୦୧) ନିମନ୍ତେ ମୋଟ ଏ.୨୦୫.୪୩୧ ଡିସିମିଲ ବ୍ୟକ୍ତିଗତ ମାଲିକାନା ଜମି ଅଧିଗ୍ରହଣ ର ଆବଶ୍ୟକତା ଏବଂ ଥଇଥାନ ଓ ବିସ୍ଥାପନ ନୀତିକୁ ଗୃହରେ ଉପସ୍ଥାପିତ କରିଥିଲେ ଏବଂ ଏହି ସମ୍ପର୍କରେ ଆଲୋଚନାରେ ଅଂଶ ଗ୍ରହଣ କରି ଅତିରିକ୍ତ ଜିଲ୍ଲା ପାଳ, ବାଲେଶ୍ୱର ତଥା ଅଧକ୍ଷ ଉକ୍ତ ପ୍ରକଳ୍ପର ଯଥାର୍ଥ ଆବଶ୍ୟକତା ଉପରେ ତଥ୍ୟ ଉପସ୍ଥାପନ କରିଥିଲେ । ଭୂ-ଅର୍ଜନ ଅଧିକାରୀ ବାଲେଶ୍ୱର, ନବ କୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର, ଭୁବନେଶ୍ବର ଦ୍ୱାରା ପ୍ରକାଶିତ ହୋଇଥିବା ସାମାଜିକ ମୂଲ୍ୟାୟନ ପ୍ରଭାବ ପୁସ୍ତକକୁ ଗୃହରେ

ପଢ଼ିଶୁଣାଇଥିଲେ । ବସ୍ତା ତହସିଲ ଅନ୍ତର୍ଗତ ପ୍ରଭାବିତ ୪ (ଚାରି) ଗୋଟି ମୌଜା - ରେଣୁପଦା, ବରଡା, ତେନ୍ତୁଳିଆ ଏବଂ ଗୁଣବଳଦା ର ପ୍ରଭାବିତ ହେବାକୁ ଥିବା ଅଧିବାସୀମାନେ ମୁଖ୍ୟତଃ ଅନୁସୂଚିତ ଜାତି, ସଂଖ୍ୟା ଲଘୁ , ଅନ୍ୟାନ୍ୟ ପଛୁଆ ବର୍ଗ ଏବଂ ସାଧାରଣ ବର୍ଗର ଅଟନ୍ତି ।

ପ୍ରଭାବିତ ପ୍ରତ୍ୟେକ ଗ୍ରାମ ଓ ୱାର୍ଡର ସମସ୍ୟା ଓ ତାହାର ସମାଧାନ ନିମନ୍ତେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ପରିଶେଷରେ ଆଜିର ବୈଠକରେ ପୌରୋହିତ୍ୟ କରୁଥିବା ଅତିରିକ୍ତ ଜିଲ୍ଲାପାଳ, ବାଲେଶ୍ୱର ବିଶେଷଜ୍ଞ ଦଳର ଅଧକ୍ଷ ଏକ ପ୍ରାଞ୍ଜଳ ଅଭିଭାଷଣ ବ୍ୟକ୍ତ କରି କ୍ଷତିଗ୍ରସ୍ତ ପରିବାରମାନଙ୍କୁ ଆଇନର ସମୁଚିତ ଧାରାରେ ଉପଯୁକ୍ତ କ୍ଷତିପୂରଣ ଦେଇ ପ୍ରତ୍ୟେକ ପ୍ରଭାବିତ ପରିବାରଙ୍କ ସମସ୍ୟା ଦୂର କରିବା ନିମନ୍ତେ ଭୂ-ଅର୍ଜନ ଅଧିକାରୀ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଭୂମି ଅଧିଗ୍ରହଣ ତଥା ରାଜ୍ୟର ବିକାଶରେ ପଞ୍ଚାୟତ ସମିତିର ସଭ୍ୟ ମାନଙ୍କର ମୁଖ୍ୟ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ ।

ଆବାହକ, ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ ତଥା ଉପଜିଲ୍ଲାପାଳ, ବାଲେଶ୍ୱର, ଭୂମି ଅଧିଗ୍ରହଣର ଆବଶ୍ୟକତା ବିଶେଷରେ ପ୍ରାଞ୍ଜଳ ଭାବେ ଆଲୋଚନା କରିଥିଲେ । ସେ କହିଲେ ଯେ IDCO ଦ୍ୱାରା ଭୂମି ଅଧିଗ୍ରହଣ ହୋଇ Land Bank ରେ ରଖାଯିବ । ଏହା ଫଳରେ ଶିଳ୍ପ ପ୍ରତିଷ୍ଠା କରିବାକୁ ଇଚ୍ଛା ପ୍ରକାଶ କରୁଥିବା ଉଦ୍ୟୋଗୀମାନେ Land Bank ରୁ ତ୍ୱରିତ ବେଗରେ ଜମି ପାଇ ଶିଳ୍ପ ପ୍ରତିଷ୍ଠା କରିପାରିବେ ।

ଯାନ୍ତ୍ରିକ ବିଶେଷଜ୍ଞ, ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ ତଥା ଜେନରେଲ ମ୍ୟାନେଜର, ଜିଲ୍ଲା ଶିଳ୍ପ କେନ୍ଦ୍ର, ବାଲେଶ୍ୱର ନିଜର ବ୍ୟକ୍ତବରେ ଉପସ୍ଥିତ ସରପଞ୍ଚ ମାନଙ୍କୁ ତାଙ୍କ ଅଞ୍ଚଳର ଯୁବ ଉଦ୍ୟୋଗୀ ତଥା ଯୁବ ଗୋଷ୍ଠୀଙ୍କୁ ଶିଳ୍ପ ପ୍ରତିଷ୍ଠା ଦିଗରେ ଉତ୍ସାହିତ କରିବା ପାଇଁ ପରାମର୍ଶ ଦେଲେ । ଫଳରେ ଭୂମି ଅଧିଗ୍ରହଣ ହେଉଥିବା ଅଞ୍ଚଳ ତଥା ବସ୍ତା ଏବଂ ଆଖପାଖ ଅଞ୍ଚଳ ଏକ ଶିଳ୍ପ କ୍ଷେତ୍ରରେ ପରିଣତ ହେବ ।

ଡ. ରମାକାନ୍ତ ଭଞ୍ଜ, ଅବସର ପ୍ରାପ୍ତ ଅଧକ୍ଷ, ସିଦ୍ଧେଶ୍ୱର ମହାବିଦ୍ୟାଳୟ, ଅମର୍ଦା ରୋଡ, ଅଧିଗୃହିତ ଜମିକୁ ପ୍ରସ୍ତାବିତ ପ୍ରକଳ୍ପରେ ସଦବ୍ୟବହାର କରାଯିବ ଏବଂ କ୍ଷତିଗ୍ରସ୍ତ ପରିବାରମାନଙ୍କୁ ଉଚିତ କ୍ଷତିପୂରଣ ଦେବା ପାଇଁ ଗୁରୁତ୍ୱ ଆରୋପ କରିଥିଲେ ।

ଡ. ଗୀତାରାମ ଦେ ,ଅବସର ପ୍ରାପ୍ତ ଅଧକ୍ଷ, U. N. College, Nalagaja ,ତାଙ୍କ ସୁଚିନ୍ତିତ ମତାମତ ମାଧ୍ୟମରେ ଗୃହକୁ ଅବଗତ କରିଥିଲେ ଯେ ଏହି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଶୀଘ୍ର କରାଯାଉ ଏବଂ କିସମ ଭିତ୍ତିରେ ସମସ୍ତ ପ୍ରଭାବିତ ପ୍ରଜା ମାନଙ୍କୁ ଉପଯୁକ୍ତ କ୍ଷତି ପୂରଣ ଦିଆଯାଉ ।

ଶ୍ରୀ ଯୁକ୍ତ ଅଶୋକ କୁମାର ବାଗ , ଅବସର ପ୍ରାପ୍ତ (ଓ.ପ୍ର.ସେ.) ଜମିର ସଠିକ ମାପ ଏବଂ ଯଦି ଥାଏ ବୃକ୍ଷ , ଫସଲ ଓ ଘର ଗୁଡିକ ର ଉଚିତ କ୍ଷତି ପୂରଣ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ ।

ଶ୍ରୀଯୁକ୍ତ ଅମିତ ବିଶ୍ୱାଳ, ସରପଞ୍ଚ,ମୁକୁଳିସି ଗ୍ରା.ପ., ଜନଶୁଣାଣିରେ ଉତ୍ଥାପିତ କେତେକ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ତାହାର ସମାଧାନ ନିମନ୍ତେ ନିମ୍ନମତେ ଆଲୋଚନା କଲେ ।

i. ଏହି ପ୍ରକଳ୍ପଦ୍ୱାରା ଯଦି କୌଣସି ପରିବାର ସମ୍ପୂର୍ଣ ଭାବେ ଭୂମିହୀନ ହେଉଛନ୍ତି, ସେମାନଙ୍କୁ ଆଇନ ଅନୁଯାୟୀ ଉପଯୁକ୍ତ ଥଇଥାନର ବ୍ୟବସ୍ଥା କରିବା ପାଇଁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କଲେ ।
ii. ପ୍ରଭାବିତ ହେଉଥିବା ପରିବାରମାନଙ୍କ ମଧ୍ୟରୁ ଜଣଙ୍କୁ ଯୋଗ୍ୟତା ଭିତ୍ତିରେ ସେହି ଅଞ୍ଚଳରେ ହେବାକୁ ଥିବା ଶିଳ୍ପ ସଂସ୍ଥାରେ କର୍ମ ନିଯୁକ୍ତି ଦେବା ପାଇଁ ମତବ୍ୟକ୍ତ କଲେ ।
iii. ପ୍ରଭାବିତ ହେଉଥିବା ଗ୍ରାମ ଗୁଡିକରେ ଦଇବଦୁର୍ବିପାକରୁ ରକ୍ଷା ପାଇବା ପାଇଁ ଏକ ବାତ୍ୟା ଆଶ୍ରୟ ସ୍ଥଳ ନଥିବାରୁ ଏକ ବାତ୍ୟା ଆଶ୍ରୟ ସ୍ଥଳ ନିର୍ମାଣ ପାଇଁ ପ୍ରସ୍ତାବ ରଖିଲେ ।

ଶ୍ରୀମତୀ ଅର୍ନପୂର୍ଣା ସେନାପତି ସରପଞ୍ଚ, କୁଲିଦା ଗ୍ରା.ପ., ସମସ୍ତ ଭୂମିହାରୀ ମାନଙ୍କୁ ଠିକ ସମୟରେ ଉଚିତ କ୍ଷତିପୂରଣ ପ୍ରଦାନ ସକାଶେ ମତ ଦେଇଥିଲେ ।

**<u>ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ରିପୋର୍ଟର ମୂଲ୍ୟାନ:</u>**

ପ୍ରାପ୍ତ ହୋଇଥିବା ଚୂଡାନ୍ତ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ଅନୁଧାନ କରି ଉପସ୍ଥିତ ବିଶେଷଜ୍ଞ ଦଳ ସନ୍ତୋଷ ପ୍ରକାଶ କରିଥିଲେ । ବାଲେଶ୍ୱର ଜିଲ୍ଲାର ବସ୍ତା ତହସିଲ ଅନ୍ତର୍ଗତ ୪ ଗୋଟି ମୌଜା ଯଥା ରେଣୁପଦା, ବରଡା, ତେନ୍ତୁଳିଆ ଏବଂ ଯୁଣବଳଦା ରେ IDCO, ଭୁବନେଶ୍ୱର ଦ୍ୱାରା ଶିଳ୍ପ ପ୍ରତିଷ୍ଠା ( ଟି.ଓ.ଆର.୮୦-୦୦୦୦୧) ନିମନ୍ତେ ମୋଟ ଏ.୨୦୫.୪୩୧ ଡିସିମିଲ ବ୍ୟକ୍ତିଗତ ମାଲିକାନା ଜମି ଅଧିଗ୍ରହଣ ର ପ୍ରତିକୂଳ ପ୍ରଭାବକୁ ଯଥେଷ୍ଟ କମ କରାଯାଇଥିବା ବିଶେଷଜ୍ଞ ଦଳ ହୃଦବୋଧ କରିଥିଲେ । ଏହି ପରିପ୍ରେକ୍ଷୀରେ ବିଶେଷଜ୍ଞ ଦଳ ହୃଦବୋଧ କରିଥିଲେ ଯେ ଏହି ପ୍ରକଳ୍ପ ପାଇଁ ସର୍ବନିମ୍ନ ଆବଶ୍ୟକ ଜମି ଅଧିଗ୍ରହଣ ହେଉଅଛି । ଅଧିକୃତ ହେଉଥିବା ଜମି ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ଜମି ଅଧିଗ୍ରହଣ ଯୋଗ୍ୟ ନୁହେଁ । ସର୍ବନିମ୍ନ ପରିମାଣର ବ୍ୟକ୍ତିଗତ ମାଲିକାନା ଜମିକୁ ଅଧିଗ୍ରହଣ କରି ବାଲେଶ୍ୱର ଜିଲ୍ଲାର ବସ୍ତା ତହସିଲ ଅନ୍ତର୍ଗତ ୪ ଗୋଟି ମୌଜା - ରେଣୁପଦା, ବରଡା, ତେନ୍ତୁଳିଆ ଏବଂ ଯୁଣବଳଦା ପ୍ରକଳ୍ପ ନିର୍ମାଣ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇଅଛି । ଏହା ପରେ ଜଣୁଣାଣିରେ ଉତଥାପିତ କେତେକ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ତାହାର ସମାଧାନ ନିମନ୍ତେ ନିମ୍ନମତେ ଆଲୋଚନା କରଯାଇଥିଲା ।

1- କ୍ଷତିଗ୍ରସ୍ତ ପରିବାରମାନେ ହରାଉଥିବା ଜମିର ସଠିକ କ୍ଷତିପୂରଣ ପାଇବା ନିମନ୍ତେ ଆବଶ୍ୟକ ସ୍ୱତ୍ୱ ଲିପି ପ୍ରସ୍ତୁତ କରିବାପାଇଁ ବାକିଥିବା ମୋକଦ୍ଦମା ମାନ ତୁରନ୍ତ ଫଏସଲା କରିବାପାଇଁ ତହସିଲଦାର, ବସ୍ତାଙ୍କୁ ଅନୁରୋଧ କରାଯାଇଥିଲା ।

2- ସାମାଜିକ ଆକଳନ ରିପୋର୍ଟକୁ ଆଧାରକୁ ନେଇ ପ୍ରକଳ୍ପର ପ୍ରତିକୂଳ ପ୍ରଭାବକୁ ଦୃଷ୍ଟିରେ ରଖି ଏହି ପ୍ରକଳ୍ପ ଆଞ୍ଚଳିକ ବିକାଶ ହେବା ସହିତ ରାଜ୍ୟର ବିକାଶ ହେବ ବୋଲି ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳର ସଭ୍ୟମାନେ ମତ ବ୍ୟକ୍ତ କରିଥିଲେ ।

ବାଲେଶ୍ୱର ଜିଲ୍ଲାର ବସ୍ତା ତହସିଲ ଅନ୍ତର୍ଗତ ୪ ଗୋଟି ମୌଜା ଯଥା ରେଣୁପଦା, ବରଡା, ତେନ୍ତୁଳିଆ ଏବଂ ଯୁଣବଳଦା ରେ IDCO, ଭୁବନେଶ୍ୱର ଦ୍ୱାରା ଶିଳ୍ପ ପ୍ରତିଷ୍ଠା ( ଟି.ଓ.ଆର.୮୦-୦୦୦୦୧) ପ୍ରକଳ୍ପଟି ସମ୍ପୂର୍ଣ ହେଲେ ଏହି ପ୍ରକଳ୍ପଦ୍ୱାରା ବାଲେଶ୍ୱର ସହରକୁ ଓଡ଼ିଶାର ଶୈଳ୍ପିକ ପ୍ରାଣକେନ୍ଦ୍ରରେ ପରିଣତ କରି ସାମାଜିକ ଓ ଅର୍ଥନୈତିକ ଉନ୍ନତି କରାଯାଇପାରିବ ।

ପରିଶେଷରେ ନୂତନ ଆଇନର ପ୍ରଦତ୍ତ ବ୍ୟବସ୍ଥାକୁ ପର୍ଯ୍ୟାଲୋଚନା କରିବାପରେ ପ୍ରସ୍ତୁତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ରିପୋର୍ଟକୁ ସୁପାରିଶ କରି ଯଥା ଯୋଗ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ସଭାଶେଷରେ ଆବାହକ ସଦସ୍ୟ ତଥା ଉପଜିଲ୍ଲାପାଳ, ବାଲେଶ୍ୱର ଉପସ୍ଥିତ ସମସ୍ତ ସଭ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ପୂର୍ବକ ସଭା ସାଙ୍ଗ ହୋଇଥିଲା ।

**<u>ସଭ୍ୟ ମାନଙ୍କର ସ୍ୱାକ୍ଷର</u>**

Dr Ramakanta Bhanja

Annapurna Senapati
Sarpanch
KULIDA G.P.

Jitendra Dey.

Abhiram Prise
Sarapanch
Mukulisi G.P.

13/06/24

13/06/24

20/7/24
ଅଧ୍ୟକ୍ଷ
ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ